# ଖବର

# ତାରିଖ: ୦୨.୦୪.୨୦୧୨

## ବିଆଇଆଇଟିଏମ୍‌ରେ 'ବିଟ୍‌ସ-୨୦୧୨'




**ଭୁବନେଶ୍ୱର**

ବିଜୁ ପଟ୍ଟନାୟକ ପ୍ରଯୁକ୍ତିବିଜ୍ଞାନ ଓ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱରର ବାର୍ଷିକୋତ୍ସବ "ବିଟସ୍-୨୦୧୨" ମାର୍ଚ୍ଚ ୩୧ ତାରିଖ ଦିନ ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାସନାଲରେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରତାପରୁଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଫେସର ପଟ୍ଟନାୟକ ତାଙ୍କ ସ୍ୱାଗତ ସମ୍ଭାଷଣରେ ଏହି ଅଗ୍ରଣୀ ଅନୁଷ୍ଠାନର ଉନ୍ନତି ବିଷୟରେ ସୂଚନା ଦେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ଶିବାଶିଷ ମାଇତି, ଜେନେରାଲ ମ୍ୟାନେଜର, ସିଟିଟିସି, ଭୁବନେଶ୍ୱର ତାଙ୍କ ଅଭିଭାଷଣରେ ପରିଚାଳନା ଶିକ୍ଷାର ଗୁରୁତ୍ୱ ଓ ଏହାର ଭବିଷ୍ୟତ ଉପରେ ଆଲୋକପାତ କଲେ। ପ୍ରଫେସର ବିଜୟ କୁମାର ବଳ ତାଙ୍କ ଅଭିଭାଷଣରେ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ କମ୍ୟୁନିକେସନ ଟ୍ରେନିଂର ଉପାଦେୟତା ବିଷୟରେ କହିଥିଲେ। ନିଯୁକ୍ତି ନିର୍ଦ୍ଦେଶକ ପ୍ରଫେସର ସୁଶାନ୍ତ କୁମାର ନନ୍ଦ ଏ ବର୍ଷର ନିଯୁକ୍ତି କାର୍ଯ୍ୟକ୍ରମରେ ଉନ୍ନତ ପ୍ରଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କଲେ। ଡ଼ିନ ଏକାଡ଼େମିକ୍ସ ପ୍ରଫେସର ପ୍ରତାପ କୁମାର ତ୍ରିପାଠୀ ସାଂପ୍ରତିକ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଉପାଦେୟତା ବିଷୟରେ ଏକ ସାରଗର୍ଭକ ଭାଷଣ ଦେଇଥିଲେ। ଡ଼ିନ ଟ୍ରେନିଂ ପ୍ରଫେସର ଆବିଦ ଅଲି ଖାନ୍ ମ୍ୟାନେଜମେଣ୍ଟ୍ ପାଠ୍ୟକ୍ରମରେ ଟ୍ରେନିଂର ଗୁରୁତ୍ୱ ବୁଝାଇଥିଲେ। ୨୦୦୫ ମସିହାର ପୁରାତନ ଛାତ୍ର ସୁଧୀରଞ୍ଜନ ପଣ୍ଡାଙ୍କୁ "ଆଲୁମ୍ନି ଅଫ ଦି ଇୟର" ଭାବେ ସମ୍ବର୍ଦ୍ଧନା କରାଗଲା। ଏହାପରେ ବିଆଇଆଇଟିଏମର ଛାତ୍ର ଛାତ୍ରୀ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ "ଆଚି",ନୃତ୍ୟ, ସଙ୍ଗୀତ ଓ ଫ୍ୟାସନ ଶୋ' ପରିବେଷଣ କରାଯାଇଥିଲା।